# 2021-22

| | |
|---|---|
| 39 | କଦଳୀରେ ପତ୍ରଦାଗ ବା ସିଗାଟୋକା ରୋଗର ପରିଚାଳନା ପାଇଁ ପ୍ରତି ୧୦ ଲି ପାଣିରେ ୧୦ ଗ୍ରାମ କାର୍ବେଣ୍ଡାଜିମ କିମ୍ବା ୩୦ ଗ୍ରାମ କ୍ଲୋରୋଥାଲୋନିଲ୍ ନାମକ ଫିମ୍ପିନାଶକ ମିଶାଇ ଗଛ ଲଗାଇବାର ୪ ମାସ ପରେ ୧ ମାସ ଅନ୍ତରରେ ଦୁଇ ରୁ ତିନି ଥର ସିଞ୍ଚନ କରନ୍ତୁ। |
| | Total No of Farmer : - 101014 Advisory Date :-3/13/2022 8:47:13 AM |
| 38 | ବାଇଗଣର ଛୋଟପତ୍ର ରୋଗ ପରିଚାଳନା ପାଇଁ ପ୍ରଥମେ ଜମିରୁ ରୋଗାକ୍ରାନ୍ତ ଗଛଗୁଡିକୁ ଓପାଡି ଦୂରରେ ପୋତି ଦିଅନ୍ତୁ। ଏହାର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟୋମେଥୋକ୍ସାମ କିମ୍ବା ୬୦ ଗ୍ରାମ ଫ୍ଲୋନିକାମିଡ କୁ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | Total No of Farmer : - 101014 Advisory Date :-3/12/2022 11:58:59 AM |
| 37 | ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଚିନାବାଦାମ ଫସଲରେ ଶୋଷକ ପୋକ ଯଥା ଜଉ ଓ ପତ୍ର ଉକୁଣି ପୋକର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି। ପ୍ରାଥମିକ ଅବସ୍ଥାରେ କମ୍ ଦେଖାଦେଉଥିଲେ ଏକର ପ୍ରତି ୧ ଲି ନିମ୍ବ ଆଧାରିତ କୀଟନାଶକ ୩୦୦ ପି.ପି.ଏମ୍ କୁ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପୋକର ଆକ୍ରମଣ ଅଧିକ ଦେଖାଦେଲେ ଏକର ପ୍ରତି ୪୦ ଗ୍ରାମ ଥାୟୋମେଥୋକ୍ସାମ କିମ୍ବା ୫୦ ମି.ଲି. ଇମିଡାକ୍ଲୋପ୍ରିଡ କୁ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | Total No of Farmer : - 149008 Advisory Date :-3/12/2022 11:55:42 AM |
| 36 | ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳା ମାଛିର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟୋମେଥୋକ୍ସାମ କିମ୍ବା ୨୦୦ ମି.ଲି ପାଇରିପ୍ରୋକ୍ସିଫେନ କିମ୍ବା ୨୫୦ ମି.ଲି ସ୍ପାଇରୋମେସିଫେନ ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | Total No of Farmer : - 101021 Advisory Date :-2/9/2022 10:48:14 AM |
| 35 | ବାଇଗଣ ଓ ବିଲାତି ବାଇଗଣ ଫସଲରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଯନ୍ତା ଲଗାନ୍ତୁ। ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମି.ଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ ଆଜାଡିରାକ୍ଟିନକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | Total No of Farmer : - 101021 Advisory Date :-2/8/2022 5:54:57 PM |
| 34 | ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି. ଭାଲିଡାମାଇସିନ୍ କିମ୍ବା ୩୦୦ ଗ୍ରାମ କ୍ୟାପଟାନ ଓ ହେକ୍ସାକୋନାଜୋଲ୍ ର ମିଶ୍ରିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ। |
| | Total No of Farmer : - 148985 Advisory Date :-2/8/2022 4:56:31 PM |
| 33 | ଆମ୍ବ ଡାହାଣୀ ପୋକର ପରିଚାଳନା ପାଇଁ ବଉଳ ଆରମ୍ଭ ହେବା ସମୟରେ ପ୍ରତି ୧୫ ଲିଟର ପାଣିରେ ୫ମି.ଲି. ଇମିଡିକ୍ଲୋପ୍ରିଡ କିମ୍ବା ୩ ଗ୍ରାମ ଥାୟାମେଥୋକ୍ସାମ କିମ୍ବା ୪ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ ମିଶାଇ ବଉଳ ଆସିବା ପୂର୍ବରୁ ଥରେ ଓ ୨ ସପ୍ତାହ ପରେ ଆଉ ଥରେ ସିଞ୍ଚନ କରନ୍ତୁ। |
| | Total No of Farmer : - 101021 Advisory Date :-2/2/2022 10:13:07 AM |
| 32 | ମୁଗ ଓ ବିରି ଫସଲରେ ପାଉଁଶିଆ ରୋଗର ପରିଚାଳନା ପାଇଁ ଏକର ପ୍ରତି ୮୦୦ ଗ୍ରାମ ସଲଫର୍ କିମ୍ବା ୩୦୦ ମି.ଲି. ହେକ୍ସାକୋନାଜଲ କିମ୍ବା ୨୦୦ ମି.ଲି. ପ୍ରୋପିକୋନାଜଲ୍ କିମ୍ବା ୧୦୦ ମି.ଲି. ପେନକୋନାଜଲ ନାମକ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | Total No of Farmer : - 148985 Advisory Date :-2/2/2022 9:59:43 AM |
| 31 | ମେଘୁଆ ଓ ଘନ କୁହୁଡି ପାଗ ଯୋଗୁଁ କୋବି ଜାତୀୟ ଫସଲରେ ଅଲ୍ଟରନେରିଆ ପତ୍ରଦାଗ ରୋଗ ଦେଖା ଦେବାର ସମ୍ଭାବନା ରହିଛି। ଏହାର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ କିମ୍ବା ୪୦୦ ଗ୍ରାମ କାର୍ବେଣ୍ଡାଜିମ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | Total No of Farmer : - 101012 Advisory Date :-2/1/2022 4:44:52 PM |

| | |
|---|---|
| 30 | ସୋରିଷ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ପରିଚାଳନା ପାଇଁ ୬୦୦ ମି.ଲି. ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ରାସାୟନିକ ଉପାୟରେ ଜଉ ଓ ବିଚିତ୍ର ବଗର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟୋମୋଥୋକ୍ସାମ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ କିମ୍ବା ୬୦ ମି.ଲି. ଇମିଡାକ୍ଲୋପ୍ରିଡ ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମହୁମାଛି ମାନଙ୍କର ଚଳପ୍ରଚଳରେ ବାଧା ନ ହେବା ପାଇଁ ଅପରାହ୍ନ ସମୟରେ କୀଟନାଶକ ପ୍ରୟୋଗ କରନ୍ତୁ। |
| | Total No of Farmer : - 148985 Advisory Date :-2/1/2022 4:37:01 PM |
| 29 | ୧୩ ରୁ ୧୫ ଜାନୁୟାରୀ ୨୦୨୨ ମଧ୍ୟରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବୃଷ୍ଟିପାତର ସମ୍ଭାବନା ରହିଛି। ତେଣୁ ବିରି, ମୁଗ, ଚିନାବାଦାମ ବୁଣାବୁଣି କାର୍ଯ୍ୟ ସାମୟିକ ବନ୍ଦ ରଖନ୍ତୁ। ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ତଥା ଜଳସେଚନ, କୀଟନାଶକ ଔଷଧ ଓ ସାର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ। |
| | Total No of Farmer : - 148983 Advisory Date :-1/11/2022 1:31:07 PM |
| 28 | ଲଙ୍କାମରିଚ ଫସଲରେ ଅଷ୍ଟପଦୀର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମି.ଲି. Ethion କିମ୍ବା ୨୦୦ ମି.ଲି. Spiromesifen କିମ୍ବା ୬୦୦ ମି.ଲି. Propargite କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | Total No of Farmer : - 101021 Advisory Date :-1/11/2022 1:21:17 PM |
| 27 | ଆଳୁରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ସବୁଜ ପତ୍ର ଡିଆଁ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମି.ଲି. ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୮୦ ଗ୍ରାମ Dinotefuran କିମ୍ବା ୬୦ ଗ୍ରାମ Flonicamid କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | Total No of Farmer : - 101020 Advisory Date :-1/10/2022 12:13:09 PM |
| 26 | ପିଆଜ ତଳିଗୁଡିକ ୧୨-୧୫ ସେ.ମି. ଉଚ୍ଚା କିମ୍ବା ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ। ତଳି ରୋଇବା ପୂର୍ବରୁ ଏକର ପ୍ରତି ୧୦ ଟନ୍ ସଢା ଗୋବର ଖତ ବା କମ୍ପୋଷ୍ଟ, ୫୨ କି.ଗ୍ରା. ଡିଏପି, ୨୦ କି.ଗ୍ରା. ୟୁରିଆ, ୩୦ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ଏବଂ ୨୦ କି.ଗ୍ରା. ସଲଫର୍ ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ। ଧାଡିକୁ ଧାଡି ୧୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନ ରଖି ଉପର ବେଳା ତଳି ରୋପଣ କରନ୍ତୁ। |
| | Total No of Farmer : - 101019 Advisory Date :-12/31/2021 1:20:49 PM |
| 25 | ହରଡ ଗଛରେ ୭୦-୮୦ ଶତକଡା ଛୁଇଁଗୁଡିକ ହଳଦିଆରୁ ବାଦାମି ରଙ୍ଗ ଦେଖାଗଲେ ଅମଳ କରନ୍ତୁ। ଛୁଇଁଗୁଡିକ ଅଧିକ ଶୁଖିଗଲେ ମଞ୍ଜି ଝଡି ପଡିବାର ସମ୍ଭାବନା ଥାଏ। ଅମଳ ପରେ ୩-୬ ଦିନ ଟାଣ ଖରାରେ ଶୁଖାନ୍ତୁ। |
| | Total No of Farmer : - 148967 Advisory Date :-12/31/2021 1:11:25 PM |
| 24 | ଚାଷୀ ଭାଇମାନଙ୍କୁ ଅନୁରୋଧ କରାଯାଉଛି କି ଅମଳ ପରେ ବିଲରେ ଥିବା ପାଳ ବା ନଡାକୁ ନିଆଁ ଲଗାନ୍ତୁ ନାହିଁ। ଏହା ଦ୍ବାରା ପରିବେଶର ଅନେକ କ୍ଷତି ହୋଇଥାଏ। |
| | Total No of Farmer : - 150582 Advisory Date :-12/17/2021 3:15:43 PM |
| 23 | ଧାନ ସାଇତି ରଖିଥିବା ବସ୍ତା ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ୍ ଟାବଲେଟ୍ ଏକ ଟନ୍ ପିଛା ୩ଟି (ସମୁଦାୟ ୯ ଗ୍ରାମ) କନାରେ ଗୁଡାଇ ରଖି ୭ ରୁ ୧୦ ଦିନ ପର୍ଯ୍ୟନ୍ତ ତାରପୋଲିନ୍ ଭଲଭାବରେ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନରୁହେ। ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ। |
| | Total No of Farmer : - 148955 Advisory Date :-12/17/2021 3:08:45 PM |

| | |
|---|---|
| 22 | କମ୍ ଆର୍ଦ୍ରତା ବା ଶୁଖା ପ୍ରଭାବିତ ଅଞ୍ଚଳରେ ଯେଉଁଠି ଧାନ ଫସଲ ହୋଇ ପାରିନାହିଁ, ମଧ୍ୟମ ଓ ସ୍ବଳ୍ପ ଖାଲୁଆ ଜମିରେ ମାଟିର ବତର ଦେଖି ଚାଷୀଭାଇମାନେ କୋଳଥ, ମୁଗ, ବିରି, ଝୁଡଙ୍ଗ, ମଟର, ଚିନାବାଦାମ, ମସୁର, ସୋରିଷ, ସୂର୍ଯ୍ୟମୁଖୀ, ଆଳୁ ଓ ରାଶି ଆଦି ଅଳ୍ପ ଦିନିଆ ରବି ଫସଲ କରିପାରିବେ। |
| | Total No of Farmer : - 148916 Advisory Date :-12/1/2021 12:11:44 PM |
| 21 | ବର୍ଷାଶ୍ରୀତ ସ୍ବଳ୍ପ ଖାଲୁଆ ଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ, ସେଠାରେ ବିଭିନ୍ନ ଫସଲ ଯଥା- ମଟର, ବିରି, ଖେସାରୀ, ରାଶି, ଅଳସୀ ଓ ପେସି ଇତ୍ୟାଦି ପାଇରା ଫସଲ ହିସାବରେ ମାଟିର ବତର ଦେଖି ଧାନ କାଟିବାର ୧୦-୧୫ ଦିନ ପୂର୍ବରୁ ବୁଣନ୍ତୁ। |
| | Total No of Farmer : - 148910 Advisory Date :-11/26/2021 12:42:16 PM |
| 20 | ଫୁଲକୋବି ଚାଷରେ ବୋରନ ଅଣୁସାର ଅଭାବ ପରିଲକ୍ଷିତ ହେଲେ ଏକର ପ୍ରତି ୪ କି.ଗ୍ରା ବୋରାକ୍ସ ଅଣୁସାର ମୂଳସାର ହିସାବରେ ପ୍ରୟୋଗ କରନ୍ତୁ। |
| | Total No of Farmer : - 101020 Advisory Date :-11/24/2021 1:17:28 PM |
| 19 | ଚିନାବାଦାମ ଫସଲରେ ଭଲ ଅମଳ ପାଇଁ ଏବଂ ତୈଳ ପ୍ରତିଶତ ବଢାଇବା ପାଇଁ ହେକ୍ଟର ପିଛା ୩୦ କି.ଗ୍ରା ଗନ୍ଧକ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ। |
| | Total No of Farmer : - 148905 Advisory Date :-11/24/2021 1:13:34 PM |
| 18 | ତଳିଘେରାରେ କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ, ଯୌନ ସମେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହୋଇଯିବ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା କ୍ଲୋରାନ୍ଟ୍ରାନିଲିପ୍ରୋଲ ୪% ଜି.ଆର୍ ୪ କେ.ଜି ଔଷଧ କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା. ସମାନ ପରିମାଣର ଶୁଖିଲା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ । |
| | Total No of Farmer : - 101019 Advisory Date :-11/1/2021 4:44:39 PM |
| 17 | ଶତକଡା ୮୦ ରୁ ୮୫ ଭାଗ ପାଚିଗଲା ପରେ ଧାନ କାଟି ଶୀଘ୍ର ଅମଳ କରିଦିଅନ୍ତୁ। ଅମଳ ପରେ ଧାନକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ। ବିହନ ପାଇଁ ୧୨ ଶତକଡା ପର୍ଯ୍ୟନ୍ତ ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡା ପର୍ଯ୍ୟନ୍ତ ଆର୍ଦ୍ରତା ରହିବା ଆବଶ୍ୟକ। |
| | Total No of Farmer : - 148866 Advisory Date :-11/1/2021 4:09:44 PM |
| 16 | ଧାନ ଫସଲରେ ଗନ୍ଧିପୋକ ଦେଖାଦେଲେ ଏକର ପ୍ରତି ୨୦୦ ମି.ଲି. ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଂଚନ କରନ୍ତୁ କିମ୍ବା ଏକର ପ୍ରତି ୧୦ କି.ଗ୍ରା ମାଲାଥିଅନ ୫ ଡି. ଗୁଣ୍ଡକୁ ସକାଳେ ଏବଂ ପବନ ହେଇନଥିବା ସମୟରେ ସମାନଭାବେ ସିଂଚନ କରନ୍ତୁ। |
| | Total No of Farmer : - 148844 Advisory Date :-10/27/2021 12:30:54 PM |
| 15 | ଧାନ ଫସଲରେ କେଣ୍ଡାକଟା ସଂବାଳୁଆ ପୋକ ଦେଖାଗଲେ ଏକର ପ୍ରତି ୪୦୦ ମି.ଲି. କୁଇନାଲଫସ୍ ୨୫ ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. ଧାନ ବୁଦା ମୂଳରେ ସକାଳ ସମୟରେ ସିଂଚନ କରନ୍ତୁ। |
| | Total No of Farmer : - 148859 Advisory Date :-10/27/2021 11:39:32 AM |
| 14 | ମାଛମାନଙ୍କର ଲାଞ୍ଜ ଓ ପକ୍ଷ ରୋଗ ଏରମୋନାସ ଓ ସିଡୋମୋନାସ ଜୀବାଣୁ ଦ୍ବାରା ହୋଇଥାଏ। ଏଥିରେ ମାଛର ଲାଞ୍ଜ ଛିଣ୍ଡିଯାଏ। ଏହାର ପ୍ରତିକାର ପାଇଁ ୨୦୦ ଲିଟର ପାଣିରେ ୧୦୦ ଗ୍ରାମ ତୁତିଆ (କପର ସଲଫେଟ)ର ଦ୍ରବଣ ପ୍ରସ୍ତୁତ କରି ମାଛମାନଙ୍କୁ ବୁଡାଇ ଛାଡନ୍ତୁ। |
| | Total No of Farmer : - 64199 Advisory Date :-10/26/2021 11:47:01 AM |
| 13 | ପିଆଜ ଲଗେଇବାର ୧୫ ଦିନ ପରେ ତଳି ଘରାରେ ତୃଣନାଶକ କ୍ୱିଜାଲୋଫପ ଇଥାଇଲ ୫ ପ୍ରତିଶତ ହେକ୍ଟର ପିଛା ୫୦ ଗ୍ରାମ ହିସାବରେ ବ୍ୟବହାର କରିପାରିବେ। |
| | Total No of Farmer : - 101021 Advisory Date :-10/26/2021 11:41:15 AM |
| 12 | ପିଆଜ ଚାଷ ପାଇଁ ଏକର ପିଛା ୪ କି.ଗ୍ରା. ପିଆଜକୁ ତଳି ଘରାରେ ଧାଡିରେ ପକାନ୍ତୁ। ପିଆଜ ମଞ୍ଜିକୁ ୧ କି.ଗ୍ରା. ପାଇଁ ୨ ଗ୍ରାମ କ୍ୟାପଟାନ ପକାଇ ବିଶୋଧନ କରନ୍ତୁ। |

| | |
|---|---|
| | Total No of Farmer : - 101018 Advisory Date :-10/15/2021 2:50:21 PM |
| 11 | ଶୀତଦିନେ ମାଛ ମାନଙ୍କୁ କ୍ଷତ ରୋଗ ହୋଇଥାଏ, ଏହାର ନିରାରଣ ପାଇଁ ୧ ଏକର ଜଳ ଆୟତନ ଓ ୧ ମିଟର ଗଭୀରତା ବିଶିଷ୍ଟ ପୋଖରୀରେ ୪୦୦ ମି.ଲି. ସିଫାକ୍ସ ପ୍ରୟୋଗ କରି ରୋଗକୁ ନିରାକରଣ କରାଯାଇ ପାରିବ। |
| | Total No of Farmer : - 64198 Advisory Date :-10/15/2021 2:40:08 PM |
| 10 | ଭାରି ବର୍ଷା ହେତୁ ଧାନ ଫସଲରେ ଅଗାଡି ସମସ୍ୟା ବୃଦ୍ଧି ପାଇବ। ଏହାକୁ କମ୍ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ରୁ ୧.୫ ଗ୍ରାମ ସଲ୍ୟୁବୋର (ଶତକାଡା ୨୦ ଭାଗ ବୋରନ) କିମ୍ବା ୨ ରୁ ୨.୫ ଗ୍ରାମ ବୋରାକ୍ସ ଦ୍ରବିଭୂତ ଗୁଣ୍ଡ ସାର ମିଶାଇ ସିଞ୍ଚନ କରନ୍ତୁ। |
| | Total No of Farmer : - 148788 Advisory Date :-9/30/2021 10:32:58 AM |
| 9 | ପନିପରିବା ତଳିଘେରାକୁ ଧଳା ପଲିଥିନରେ ଘୋଡାଇ ରଖନ୍ତୁ ଓ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ଉଚ୍ଚା ଜମିରେ ଟମାଟୋ, ସହଳ କିସମ ଫୁଲକୋବି ଚାରା ପକାନ୍ତୁ। |
| | Total No of Farmer : - 101016 Advisory Date :-9/30/2021 10:15:18 AM |
| 8 | ଧାନ ଫସଲ ସାମୟିକ ପାଣିରେ ବୁଡିଯାଇଥିଲେ ପାଣି କମିଲା ପରେ ଏକର ପ୍ରତି ୧୦ ରୁ ୧୨ କି.ଗ୍ରା. ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। |
| | Total No of Farmer : - 148786 Advisory Date :-9/30/2021 9:57:24 AM |
| 7 | ଅଧିକ ପାଣି ଜମିଥିବା ଅଞ୍ଚଳରେ ପତ୍ର ଆଚ୍ଛାଦ ପୋଡା ରୋଗ (ସଢାରୋଗ) ଲାଗିବାର ସମ୍ଭାବନା ଅଛି। ଏହି ରୋଗର ସଂକ୍ରମଣ ଅଧିକ ହେଲେ ପାଣି କାଟି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ହେକ୍ସାକୋନାଜୋଏଲ କିମ୍ବା ଭାଲିଡାମାଇସିନ କିମ୍ବା ୦.୫ ଗ୍ରାମ ହିସାବରେ ଟେବୁକୋନାଜୋଲ + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ଆଦି କବକ ମିଶାଇ ପତ୍ର ସିଞ୍ଚନ କରନ୍ତୁ। |
| | Total No of Farmer : - 148737 Advisory Date :-9/22/2021 4:05:35 PM |
| 6 | ଧାନ ଫସଲ ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହୋଇଥିଲେ ତୁରନ୍ତ ଯବକ୍ଷାରଜାନ (ୟୁରିୟା) ପ୍ରୟୋଗ କରନ୍ତୁ ନାହିଁ। ନୂଆ ପିଲ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। |
| | Total No of Farmer : - 148748 Advisory Date :-9/22/2021 3:56:31 PM |
| 5 | ବର୍ଷା ଓ ବାୟୁମଣ୍ଡଳର ଆଦ୍ରତା ଅଧିକ ରହିବାର ସମ୍ଭାବନା ଥିବାରୁ ପନିପରିବା ତଳିରେ ମୂଳପଚା ରୋଗ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ବର୍ଷା ପରେ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ କାପଟନ କିମ୍ବା ୨.୫ ଗ୍ରାମ କପର ଅକ୍ସିକ୍ଲୋରାଇଡ ମିଶାଇ ମାଟି ଓ ମୂଳରେ ସିଞ୍ଚନ କରନ୍ତୁ। |
| | Total No of Farmer : - 101002 Advisory Date :-9/22/2021 3:50:29 PM |
| 4 | ଧାନ ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଜିଙ୍କ୍ ସଲଫେଟ୍ ମୂଳସାର ହିସାବରେ ବ୍ୟବହାର କରନ୍ତୁ। |
| | Total No of Farmer : - 12190 Advisory Date :-9/15/2021 9:43:51 AM |
| 3 | ଗଭୀର ଓ ଅଳ୍ପ ଗଭୀର ବୁଣା ଧାନରେ ଏକର ପ୍ରତି ୧୨ କି.ଗ୍ରା. ୟୁରିଆ ଦ୍ୱିତୀୟ ପିଲ ସାର ହିସାବରେ ପ୍ରୟୋଗ କରନ୍ତୁ। |
| | Total No of Farmer : - 12191 Advisory Date :-9/14/2021 2:44:50 PM |
| 2 | ବାଇଗଣରେ ପତ୍ରପୋଡ଼ା ରୋଗ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କ୍ଲୋରୋଥାଲାନିଲ୍ କିମ୍ବା ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ + ଅଠା @ ୫ ମିଲି/ ଟାଂକି ମିଶାଇ ପତ୍ର ସିଂଚନ କରନ୍ତୁ । |
| | Total No of Farmer : - 12177 Advisory Date :-9/14/2021 2:27:11 PM |
| 1 | ଉନ୍ନତ ମାନର କୁକୁଡ଼ା ଚିଆଁ ଯଥା କଡକନାଥ,କ୍ରଏଲର ଓ ସୌରାଙ୍ଗି ପାଇଁ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା ସହିତ ଯୋଗାଯୋଗ କରନ୍ତୁ । |
| | Total No of Farmer : - 12509 Advisory Date :-4/15/2021 5:28:02 PM |